# Akashvani, Sambalpur

# SAMBALPURI NEWS BULLETIN

## 17 October 2024- 6.47- 6.52 am.

**********************************************

କୋର୍ଟ-ଲେଡି ଜଷ୍ଟିସ୍ ମୁର୍ତି ଆର୍ଏନ୍ୟୁ / ସମ୍ବଲପୁର

ସୁପ୍ରିମ୍‌କୋର୍ଟ ନ ବ୍ରିଟିଶ୍ ଅମଲ୍‌ନୁ ନ୍ୟାୟର ପ୍ରତୀକ୍ ଭାବେ ଥିବା ନ୍ୟାୟଦେବୀଙ୍କର୍ ମୂର୍ତିଥି ପରିବର୍ତନ୍ କରାଯାଇଛେ । ପରିବର୍ତନ୍ ଅନ୍‌ସାରେ ମୂର୍ତିର୍ ଆଁଖିନୁ କଲାପଟି ଆର୍ ହାତୁ ଖଣ୍ଡାକେ ବାହାର୍ କରି ଦିଆଯାଇଛେ । ସେନ୍ତା ଖଣ୍ଡା ବଦ୍‌ଲା ନ୍ୟାୟଦେବୀଙ୍କର୍ ଡେବ୍‌ରୀ ହାତେ ଭାରତୀୟ ସମ୍ବିଧାନ୍ ରଖାଯାଇଛେ ।

ସୁପ୍ରିମ୍‌କୋର୍ଟର ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼୍ କହିଛନ୍ ଯେ, ଦେଶର୍ ଆଇନ୍ କେଭେ ହେଲେ ଅନ୍ଧ ନୁହେଁ । ସେନ୍ତା ଭାରତୀୟ ଆଇନ୍ ଖଣ୍ଡା ବାଗିର୍ ହିଂସାର୍ ପ୍ରତୀକକେ ନାଇଁ ଗ୍ରହଣ୍ କରେ । ହେଲେ ସାମ୍ବିଧାନିକ୍ ଆଇନ୍ ଅନ୍‌ସାରେ ନ୍ୟାୟ ଦେସି । ସେଥିର୍‌ଲାଗି ନ୍ୟାୟଦେବୀଙ୍କର୍ ମୂର୍ତିଥି ଇ ପରିବର୍ତନ୍ କରାଯାଇଛେ ବଲି ଶ୍ରୀ ଚନ୍ଦ୍ରଚୂଡ଼୍ କହିଛନ୍ ।

ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତ       ଆର୍ଏନ୍ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଚଣ୍ଡିଗଡ଼୍ ଠାନେ ନବଗଠିତ ହରିଆଣା ସର୍କାର୍ଙ୍କର୍ ଶପଥ୍ ଗ୍ରହଣ୍ ଉସବ୍ଥି ଯୋଗ୍ ଦେବେ । ଇତାର୍ସହେତେ ଚଣ୍ଡିଗଡ଼୍ ନ ଏନ୍ଡିଏ ଶାସିତ୍ ରାଜ୍ୟମାନ୍କର୍ ମୁଖ୍ୟମନ୍ତ୍ରୀ ମାନ୍କର୍ ବୈଠକ୍ଥି ଭିଲ୍ ଶ୍ରୀ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇତାର୍ ଉତ୍ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁମ୍ଵାଇ ଠାନେ ଆଏବା କାଏଲ୍ ଭାରତ୍ ନ ରସାୟନିକ୍ କ୍ଷେତ୍ର ନ ସମ୍ଭାବନା ବାବଦ୍ ଗୁଟେ ସମ୍ମିଲନୀଥି ଯୋଗ୍ ଦେବେ । ଆଏବାକାଏଲ୍ ଉପର୍ବେଲା ଆର୍ ଶନିବାର୍ ସକାଲେ ସେ ମୁମ୍ଵାଇ ନ ଆଏବା ମେକ୍ ଇନ୍ ଓଡ଼ିଶା ଲାଗି ନିବେଶକ୍ ସମ୍ମିଲନୀଥି ଯୋଗ୍ ଦେବେ । ସେହିଦିନ ସଞ୍ଜ୍ବେଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବ୍ନେଶ୍ୱର୍ ଫିର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବରପୁତ୍ର-ପ୍ରତିମୂର୍ତି ଥାପ୍ନା       ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ବରପୁତ୍ରମାନ୍କର୍ ପ୍ରତିମୂର୍ତି ଥାପ୍ନା

କର୍‌ବାର୍‌କେ ନିଷ୍ପତି ନିଆଯାଇଛେ । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ଇ ବାବ୍‌ଦେ ମିଲିଥିବା ପ୍ରସ୍ତାବ୍ ଉପ୍‌ରେ ଟିକିନିଖି ଆଲୋଚନା ଉତାରୁ ବରପୁତ୍ରମାନ୍‌କର୍ ପ୍ରତିମୂର୍ତି ନିର୍ମାଣ୍ ଆଉ ଥାପ୍‌ନା ଲାଗି ତାଲିକା ତିଆର୍ କରାଯାଇଛେ । ସେ ଭିତରେ ପର୍ଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍ ନ ଅଟଲ୍ ବିହାରୀ ବାଜପେୟୀ, ବୀର ସୁରେନ୍ଦ୍ର ସାଏ, ବର୍‌ଗଡ୍ ନ ଗଙ୍ଗାଧର୍ ମେହେର୍ ଆର୍ ବଲାଙ୍ଗିର୍ ନ ଧରମ୍ ସିଂ ମାନ୍‌ଧତା ମାଝୀଙ୍କର୍ ପ୍ରତିମୂତି ଥାପ୍‌ନା କରାଯିବା ।

ରାଜ୍ୟ ସର୍‌କାର୍-ଲ ରିଭିଜନ୍ କମିଶନ୍   ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ଲ୍ ରିଭିଜନ୍ କମିଶନ୍ ଗଠନ୍ କର୍‌ବେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଅବ୍‌ସରେ ଗଣମାଧ୍ୟମ୍‌ଥି ଇ ବାବ୍‌ଦେ ସୂଚ୍‌ନା ଦେଇକରି ସେ କହିଛନ୍ ଯେ, ଲ କମିଶନ୍ ଗଠନ୍ ହେଲେ ରାଏଜେ ଯେନ୍‌ସବୁ ଅଦର୍‌କାରୀ, ଅପ୍ରାସଙ୍ଗିକ ଆଇନ୍ ରହିଛେ ସେଥି ଆବଶ୍ୟକ ପରିବର୍ତନ୍ ଲାଗି ରାସ୍ତା ବାହାର୍‌ବା । ସେନ୍ତା ସୂଚ୍‌ନା

ଅଧିକାର୍ ଆଇନ୍ ୨୦୦୫ ଥି ଯେନ୍‌ସବୁ ସଂଶୋଧନ୍ ଦର୍‌କାର୍ ପଡୁଛେ । ସେଥିରେ ସଂଶୋଧନ୍ କରାଯିବା ବଲି ସେ କହିଛନ୍ ।

ସୂଚନା ଅଧିକାର୍ ଆଇନ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ଗଣତାନ୍ତ୍ରିକ ବ୍ୟବସ୍ଥାକେ ସଶକ୍ତ କର୍‌ବାର୍‌କେ ସୂଚ୍‌ନା ଅଧିକାର୍ ଆଇନ୍ ଗୁଟେ ବର୍‌ଦାନ୍ ହେଇଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଭୁବ୍‌ନେଶ୍ୱର୍ ନ 'ଗଣତାନ୍ତ୍ରିକ ବ୍ୟବସ୍ଥାକେ ସଶକ୍ତ କର୍‌ବାର୍ କ୍ଷେତ୍ର ନ ସୂଚ୍‌ନା ଅଧିକାର୍ ଆଇନ୍‌ର ଭୂମିକା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀ ହରିଚନ୍ଦନ୍ କହିଛନ୍ ଯେ, ସୂଚ୍‌ନା ଅଧିକାର୍ ଆଇନ୍ ସମ୍‌କୁ ଉଜାଗର୍ କର୍‌ବାର୍ ସହେତେ ଦୁର୍ନୀତିକେ ନିରୁତ୍ସାହିତ କର୍‌ବାର୍‌ଥି ବଡ଼୍ ଭୂମିକା ନେଇଛେ ।

ଶ୍ରୀମନ୍ଦିର-କୁମାରପୂର୍ଣ୍ଣିମା        ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ କୁମାରପୂର୍ଣ୍ଣିମା ଲାଗି ମାହାପୁରୁମାନ୍‌କର୍ ସ୍ୱତନ୍ତ୍ର ନୀତିକାନ୍ତି ହେଉଛେ । ପରମ୍ପରା ଅନ୍‌ସାରେ ମଧ୍ୟାହ୍ନ ଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ଶ୍ରୀଦେବୀ

ଆର୍ ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରାଯିବା । ଇତାର୍‌ଉତ୍‌ରୁ ଆଜ୍ଞାମାଳ ପାଇକରି ଶ୍ରୀ ସୁଦର୍ଶନ୍ ମାହାପୁରୁ ଚଉଦଳ ନ ଚାରିଆଶ୍ରମ୍‌କେ ବିଜେ କର୍‌ବେ । ସେନେ ପନ୍ତୀଭୋଗ ଆର୍ ବନ୍ଦାପନା ନୀତି ସର୍‌ବାର୍ ଉତ୍‌ରୁ ପର୍ଶ୍ଚିମ ଦ୍ୱାର ଦେଇକରି ଶ୍ରୀମନ୍ଦିର୍‌କେ ଫିର୍‌ବେ । ସେଆଡ଼େ ବଡ଼ସିଂହାର ଭୋଗ ସର୍‌ଲେ ସକଟା ଆର୍ କଉଡ଼ି ଖେଳ ହେବା ।

ଶ୍ରୀମନ୍ଦିର୍- କାର୍ତ୍ତିକ ବ୍ରତ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବାକାଏଲ୍‌ନୁ କାର୍ତ୍ତିକ ବ୍ରତ ମୁଲ୍ ହେବା । ଶ୍ରଦ୍ଧାଲୁମାନ୍‌କୁ ସିଂହଦୁଆର୍ ଆର୍ ପର୍ଶ୍ଚିମ ଦୁଆର ଦେଇକରି ମନ୍ଦିର୍ ଭିତର୍‌କେ ଯାଇପାର୍‌ବେ । ସେନ୍ତା ସେମାନେ ସିଂହଦୁଆର ଛଡ଼ା ଅଲ୍‌ଗା ୩ ଟା ଦୁଆର ଦେଇକରି ବାହାର୍‌ବେ । ସିଂହଦୁଆର ଦେଇକରି ବାହାର୍‌ବାର୍‌କେ ପୁରାପୁରି ମନା କରାଯାଇଛେ । ଶ୍ରଦ୍ଧାଲୁ ଆର୍ ହବିଷ ବ୍ରତ ଧାରୀଙ୍କର୍ ଭିଡ଼୍‌କେ ନଜର୍‌ଥି ରଖିକରି ଶ୍ରୀମନ୍ଦିର୍ ନ ଶୃଙ୍ଖଳିତ୍ ଦର୍ଶନ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ ।

ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ୍ ଦିବସ          ଆର୍‌ଏନ୍‌ୟୁ /ସମ୍ବଲପୁର

ଦାରିଦ୍ର୍ୟ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ୍ ଦିବସ୍ ପାଲନ୍ ହେଉଛେ । ଫି' ବଛର୍ ଅକ୍ଟୋବର୍ ୧୭ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ଇ ବଛରର୍ ବିଷୟବସ୍ତୁ ହେଉଛେ 'ସାମାଜିକ ଆନୁଷ୍ଠାନିକ ଅସଦାଚରଣ୍‌ର ଶେଷ୍, ନ୍ୟାୟପୂର୍ଣ୍ଣ, ଶାନ୍ତିପୂର୍ଣ୍ଣ ଆଉ ଅନ୍ତର୍ଭୁକ୍ତ ସମାଜ ଲାଗି ଏକାସାଙ୍ଗେ କାମ୍ କର୍‌ବା' । ଇନ ଜନେଇ ଦିଆଯାଇପାରେ ଯେ, ଇ ଦିବସ୍ ପାଲନ୍ ଲାଗି ୧୯୯୨ ମସିହାଥି ମିଳିତ ଜାତିସଂଘ ନ ଗୁଟେ ପ୍ରସ୍ତାବ ଗୃହୀତ ହେଇଥିଲା ।

ଇଗ୍ନୋଥି ନାଁଲେଖା          ଆର୍‌ଏନ୍‌ୟୁ /ସମ୍ବଲପୁର

ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ- ଇଗ୍ନୋଥି ନାଁଲେଖା ସମିଆକେ ଆଏବା ୩୧ ତାରିଖ୍‌ତକ୍ ଘୁଁଚେଇ ଦିଆଯାଇଛେ । ସେମିଷ୍ଟାର୍ ଥିବା ପାଠ୍ୟକ୍ରମ୍ ଆର୍ ସାର୍ଟିଫିକେଟ୍ ପାଠ୍ୟକ୍ରମ୍‌କେ ଛାଡ଼ିକରି ଅଲ୍‌ଗା ସବୁ ପାଠ୍ୟକ୍ରମ୍ ଲାଗି ୩୧ ତାରିଖ୍ ଭିତ୍‌ରେ ନାଁ

ଲେଖେଇ ହେବା । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ନାଁଲେଖା ସମିଆ ଗଲା ୧୫ ତାରିଖ୍‌ତକ୍ ଥିଲା ।

ଜାତୀୟ ଗୁଣବତା- ସ୍ୱାସ୍ଥ୍ୟକେନ୍ଦ୍ର ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ଜାମୁମାଲ୍, ମଝିପଡ଼ା, ନାକ୍‌ଟିଦେଉଲ୍ ଆର୍ ପରୁଆଭାଡ଼ି ସ୍ୱାସ୍ଥ୍ୟ ଉପକେନ୍ଦ୍ରକେ ଜାତୀୟ ଗୁଣାବତା ସ୍ୱିକୃତୀ - ଏନ୍‌କ୍ୟୁଏଏସ୍ ମାନ୍ୟତା ଦିଆଯାଇଛେ । ଜାତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ସାଧାରଣ କେନ୍ଦ୍ର ତର୍‌ଫୁ ଇ ଉପକେନ୍ଦ୍ର ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କର୍ ଗୁଣବତାର ଯାଂଚ୍ କରାଯିବାର୍ ଉତ୍‌ରୁ ଇ ମାନ୍ୟତା ଦିଆଯାଇଛେ । ଅଘ୍‌ରୁ ଜିଲ୍ଲାର୍ ୫ ଟା ସ୍ୱାସ୍ଥ୍ୟ ଅନୁଷ୍ଠାନ୍‌କେ ଏନ୍‌କ୍ୟୁଏଏସ୍ ପ୍ରମାଣ୍‌ପତ୍ର ମିଲିଥିଲା ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ଅବପାତ୍‌ର ରୂପ ନେଇଛେ । ଓଡ଼ିଶା ଉପ୍‌ରେ ଇତାର୍ କେନ୍‌ସି ପ୍ରଭାବ୍ ନାଇଁ ପଡୁଥିବାର୍‌ନୁ ରାଏଜେ ପାଗ ସୁଖା ରହିଛେ । ହେଲେ ପଛେ ବଙ୍ଗୋପ୍‌ସାଗର୍ ନ ଆଉ ଗୁଟେ ଲଘୁଚାପ୍ ସୃଷ୍ଟି

ହେବାର୍ ସମ୍ଭାବନା ରହିଛେ । ୨୧ ତାରିଖ୍ ଆଡ଼େ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ନ ଆଉ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର୍ ସହେତେ ୨୨ /୨୩ ତାରିଖ୍ ଆଡ଼େ ଇତାର୍ ପ୍ରଭାବ୍‌ଥି ଗୁଟେ ଲଘୁଚାପ୍ ହେବା । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ କେନ୍ଦ୍ର ଅନୁମାନ୍ କରିଛେ ।